ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ୧୫ ଅଗଷ୍ଟ, ୨୦୨୦

## ଲାଠୋରରେ ୨ ଶହ ସ୍ୱାବ୍‌ର ନମୁନା ସଂଗ୍ରହ

ଲାଠୋର(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମର ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୨ ଶହ ଲୋକଙ୍କ ସ୍ୱାବ୍ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସ୍ୱାବ ସଂଗ୍ରହ କରିଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ ପରିଦର୍ଶନରେ ଆସି ତଦାରଖ କରିଥିଲେ। ଜିଲାପାଳଙ୍କ ସହ ପାଟଣାଗଡ ଉପଜିଲାପାଳ ଲୋକନାଥ ପଧାନ, ଖପ୍ରାଖୋଲ ବିଡ଼ିଓ ତରଣି ସୁନା, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ଗୁଗଲ୍ ପରେ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ 'ଓଡ଼ିଆ'

**ଭୁବନେଶ୍ୱର(ବ୍ୟୁରୋ),୧୪।୮:** ଗୁଗଲ୍ ପରେ ଏବେ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଯୋଡ଼ି ହୋଇଛି ଓଡ଼ିଆ। ମାଇକ୍ରୋସଫ୍ଟରେ ଓଡ଼ିଆ ଟେକ୍ସଟ୍ ଟ୍ରାନ୍ସଲେଶନକୁ ଯୋଗ କରାଯିବା ପରେ କମ୍ପାନୀ ଏନେଇ ଘୋଷଣା କରିଛି। ଓଡ଼ିଆମାନେ ଏଣିକି ମାଇକ୍ରୋସଫ୍ଟ ଟ୍ରାନ୍ସଲେଟର ଆପ୍, ମାଇକ୍ରୋସଫ୍ଟ ଅଫିସ୍, ଟ୍ରାନ୍ସଲେଟର ଫର୍ ବିଙ୍ଗ୍ ମାଧମରେ ଏହି ଓଡ଼ିଆ ଟ୍ରାନ୍ସଲେଟର ବ୍ୟବହାର କରିପାରିବେ। ସମଗ୍ର ବିଶ୍ୱରେ ୪.୫ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ବ୍ୟବହୃତ ଓଡ଼ିଆ ଭାଷା ଧୀରେ ଧୀରେ ଇଣ୍ଟରନେଟ୍‌ରେ ନିଜ ସ୍ଥିତି ମଜଭୁତ କରୁଛି। ଗୁଜରାଟୀ, ବଙ୍ଗଳା, ହିନ୍ଦୀ, କନ୍ନଡ଼, ମଲାୟଲମ୍, ମରାଠୀ, ପାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂଲିଶ ଭାଷା ପରେ ସାଧାରଣଭାବେ ବ୍ୟବହୃତ ଦ୍ୱାଦଶ ଭାରତୀୟ ଭାଷା ଭାବେ ଓଡ଼ିଆକୁ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଉପଲବ୍ଧ କରାଯାଇଛି।

## ଜବାବ ରଖିଲେନି ରାଜ୍ୟ ସରକାର

**ଏଟି ମୁଖ୍ୟ ପ୍ରଦୀପ ସେଠୀ ଜେଲ୍‌ରୁ ମୁକୁଳିବା ପ୍ରସଙ୍ଗ**

**କଟକ ଅଫିସ,୧୪।୮:** ସିବିଆଇ କୋର୍ଟଙ୍କ ଦ୍ୱାରା ୭ ବର୍ଷ କାରାଦଣ୍ଡ ପାଇଥିବା ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ ଇତିମଧ୍ୟରେ ଉକ୍ତ ସଜା କାଟିସାରିଲେଣି। ତଥାପି ସେ ଜେଲ୍‌ରୁ ମୁକୁଳି ନାହାନ୍ତି। ଜେଲ୍‌ରୁ ବାହାରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ହାଇକୋର୍ଟ ପୂର୍ବରୁ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ କରିଥିଲେ। ଶୁକ୍ରବାର ଜବାବ ରଖିବାର ଧାର୍ଯ୍ୟ ଦିନ ଥିଲେ ମଧ ରାଜ୍ୟ ସରକାର କୋର୍ଟରେ ଜବାବ ରଖିନାହାନ୍ତି। ଏଣୁ ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସେପ୍ଟେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

## ଜେଲ ଗଲେ ରେଞ୍ଜର

ସମ୍ବଲପୁର,୧୪।୮ (ବ୍ୟୁରୋ) ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜର ସୁରେଶ ଚନ୍ଦ୍ର ମିର୍ଦ୍ଧାଙ୍କୁ ଶୁକ୍ରବାର ଭିଜିଲାନ୍ସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଆୟବହିର୍ଭୁତ ସମ୍ପତି ରଖିଥିବା ଅଭିଯୋଗରେ ଜୁନାୟାରୀ ୧୬ ତାରିଖରେ ସେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ।

# କରୋନା କଟକଣାରେ ପୂଜା ବଜାର

ଝାରସୁଗୁଡ଼ା ଅଫିସ,୧୪।୮


ମୂର୍ତ୍ତି ଦୋକାନରେ ବ୍ୟବସାୟୀ।

- ଗଣେଶ ମୂର୍ତ୍ତି, ପୂଜା ସାମଗ୍ରୀ ବେପାର ମାନ୍ଦା
- ହାତବାନ୍ଧି ବସିଛନ୍ତି ମୂର୍ତ୍ତି କାରିଗର

ନୁଆଁଖାଇ ଓ ଗଣେଶଙ୍କ ପୂଜା କରୋନା କଟକଣା ମଧ୍ୟରେ ପାଳନ ହେବ। ନୁଆଁଖାଇରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଭେଟଘାଟ ହେବ ନାହିଁ। ସର୍ବସାଧାରଣ ସ୍ଥାନରେ ଗଣେଶ ପୂଜାକୁ ବାରଣ କରାଯାଇଛି। କେବଳ ଘରେ ପରିବାର ସଦସ୍ୟମାନେ ନୂଆଖାଇ ଓ ଗଣେଶ ପୂଜା ପାଳନ କରିପାରିବେ। ଏଥିପାଇଁ ଝାରସୁଗୁଡ଼ା ଜିଲା ପ୍ରଶାସନ କଡ଼ା ନିର୍ଦ୍ଦେଶନାମା ଜାରି କରିଛି। ଏଥିପାଇଁ ପୂଜା ବଜାର ଏକ ପ୍ରକାର କ୍ଷତିରେ ଚାଲିଛି। ସ୍କୁଲ,କଲେଜ ସହ ଘରୋଇ ଶିକ୍ଷାନୁଷ୍ଠାନ ଏବେ ବନ୍ଦ ରହିଛି। କୌଣସି କ୍ଲବ୍ ଓ ଅନୁଷ୍ଠାନରେ ପୂଜା ହେବ ନାହିଁ ବୋଲି ପ୍ରଶାସନ ଘୋଷଣା କରିସାରିଛି। ଏଥିଯୋଗୁ ମୂର୍ତ୍ତି ଓ ପୂଜାସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି ନୂଆଁଖାଇ ବି କଟକଣା ମଧ୍ୟରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବାରୁ ଏହି ପର୍ବ ସହିତ ପରୋକ୍ଷ ପ୍ରତ୍ୟକ୍ଷ ଭାବେ ଜଡିତ ବ୍ୟବସାୟୀମାନେ ଚିନ୍ତାରେ ପଡିଛନ୍ତି।

ଆସନ୍ତା ୨୨ରେ ଗଣେଶ ପୂଜା ଓ ୨୩ ରେ ନୁଆଁଖାଇ। ଉଭୟ ପର୍ବରେ ଭଲ ବ୍ୟବସାୟ ହୋଇଥାଏ। ଲୋକଙ୍କ ଚାହିଦାକୁ ନେଇ ବିଭିନ୍ନ ସାମଗ୍ରୀ ଆଗରୁ କିଣି ବ୍ୟବସାୟୀମାନେ ଗ୍ରାହକଙ୍କୁ ଅପେକ୍ଷା କରିଥାନ୍ତି। ହେଲେ ସବୁ ଆଶା ଫସର ଫାଟିଛି। ଗଣେଶ ପୂଜାକୁ ଆଖି ଆଗରେ ରଖି ମୂର୍ତ୍ତି ବ୍ୟବସାୟୀମାନେ ରାଜ୍ୟ ବାହାରୁ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ନିର୍ମିତ ବିଭିନ୍ନ ଆକାରର ମୂର୍ତ୍ତି ମଗାଇସାରିଛନ୍ତି। ମାଟି ମୂର୍ତ୍ତି କାରିଗରମାନେ ବି ବହୁ ଆଗରୁ ମୂର୍ତ୍ତି ତିଆରି କରି ରଖିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ମୂର୍ତ୍ତି ପାଇଁ ଅର୍ଡର ଆସିନାହିଁ। ସହରର ଝଣ୍ଡା ଛକ ସ୍ଥିତ ସାଇ କୃପା ଗିଫ୍ଟ ଆଣ୍ଡ ଟୟଜର ମାଲିକ ଅଜୟ କୁମାର ତିୱାରୀ କୁହନ୍ତି, କରୋନା ସାମୟିକ ବ୍ୟବସାୟକୁ ଗ୍ରାସ କରିଛି। ପୂର୍ବରୁ ରାଖୀ ବ୍ୟବସାୟ କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ଏଥର ଗଣେଶ ମୂର୍ତ୍ତି ବିକ୍ରି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏଥର ସେ ରାଜ୍ୟ ବାହାରୁ ମୂର୍ତ୍ତି ମଗାଇଥିଲେ। ତାଙ୍କ ପାଖରେ ୮ ଶହ ଟଙ୍କାରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତି ରହିଛି। ପୂର୍ବବର୍ଷ ଏହି ସମୟରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ମୂର୍ତ୍ତି ବିକ୍ରି ହୋଇସାରିଥିଲା। ଏଥର ମାତ୍ର ୪ ଟି ମୂର୍ତ୍ତି ବିକ୍ରି ହୋଇଥିବା ସେ କହିଛନ୍ତି। ଏଥର ମଣ୍ଡପ ପୂଜା ବନ୍ଦ ଥିବାରୁ ମୂର୍ତ୍ତି ବ୍ୟବସାୟ ମାନ୍ଦା ହୋଇଛି। ମାଟି ମୂର୍ତ୍ତି କାରିଗର ବିକାଶ ବେହେରା କୁହନ୍ତି, ବିଗତ ବର୍ଷରେ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ଅଗ୍ରୀମ ଅର୍ଡର ଆସୁଥିଲା। ଏଥର କରୋନା କଟକଣା ଯୋଗୁ ମୂର୍ତ୍ତି ତିଆରି ପାଇଁ ଆଉ କେହି କହୁ ନାହାନ୍ତି। ସେଥିପାଇଁ ଆମେ ହାତବାନ୍ଧି ବସିଛୁ। ଜିଲା ପ୍ରଶାସନ ମୂର୍ତ୍ତି କାରିଗରମାନଙ୍କ ଦୁଃଖ ବିଷୟରେ ଚିନ୍ତା କରିବା ଆବଶ୍ୟକ। ମୂର୍ତ୍ତି ବିକ୍ରିରୁ ଯାହା ମିଳିଥାଏ ସେଥିରେ ଆମ ପରିବାର ପ୍ରତିପୋଷଣ ହୋଇଥାଏ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମାଟିମୂର୍ତ୍ତି କାରିଗରଙ୍କୁ ସରକାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଦାବି ହୋଇଛି।

# ଓଡ଼ିଶାର ୧୪ଜଣଙ୍କୁ ମିଳିବ ପୋଲିସ ମେଡାଲ

ଭୁବନେଶ୍ୱର,୧୪।୮(ବ୍ୟୁରୋ)

- ବିଶିଷ୍ଟ ସେବା ପାଇଁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ
- ଉତ୍କର୍ଷ ସେବା ପଦକ ପାଇବେ ୧୨ ପୋଲିସ

ଓଡ଼ିଶାର ୧୪ଜଣଙ୍କୁ ମିଳିବ ରାଷ୍ଟ୍ରପତି ପୋଲିସ ମେଡାଲ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପୋଲିସ ମନୋବଳ ବଢ଼ାଇବା ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୨ଜଣ ପୋଲିସ ପାଇବେ ରାଷ୍ଟ୍ରପତି ପଦକ। ସେମାନେ ହେଲେ ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି କେ. ବେଣୁଗୋପାଳ ଆଚାର୍ଯ୍ୟ ଓ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର କନ୍‌ଷ୍ଟେବଲ ବିରଞ୍ଚି ନାରାୟଣ ସାହୁ। ସେହିପରି କଟକ ଭିଜିଲାନ୍ସ ଏଏସ୍‌ପି ଅଭିରାମ କର, ଭୁବନେଶ୍ୱର ଏସ୍‌ଓଜି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତାପସ ମହାପାତ୍ର, କମିଶନରେଟ ପୋଲିସ ଭୁବନେଶ୍ୱର ଜୋନ-୫ ଏସିପି ଅନୀଲ ମିଶ୍ର, ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅନୁପମା ମହାପାତ୍ର, ଭୁବନେଶ୍ୱର ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ, କଟକ ୟୁପିଡି ଇନ୍ସପେକ୍ଟର ଅଜୟ ଦାସ, ଭୁବନେଶ୍ୱର ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲ୍ୟୁ) ଇନ୍ସପେକ୍ଟର ଅତୁଲକ୍ରିଷ୍ଣା ଦାସ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ସରୋଜ ପଟେଲ ଓ ବରଗଡ଼ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ନିର୍ମଳ ମହାପାତ୍ର, ୫ମ ବାଟାଲିୟନ ବୌଦ୍ଧ ଜିଲାର ସୁବେଦାର କିଶୋର ବଳବନ୍ତରାୟ, ୪ର୍ଥ ବାଟାଲିୟନ ରାଉରକେଲାର ସିପାହି ରଥ ଲାକ୍ରା ଓ କୋରାପୁଟ ଭିଜିଲାନ୍ସ ହାବିଲଦାର ମହମ୍ମଦ ଫଜଲ ଉମର ଉତ୍କର୍ଷ ସେବା ପଦକ ପାଇବେ। ପୋଲିସ ଡିଜି ଅଭୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୧୪ ଅଗ୍ନିଶମ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ

**କଟକ ଅଫିସ,୧୪।୮:** ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ପଦକ ପାଇଁ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ମନୋନୀତ ହୋଇଛନ୍ତି। ସାହସିକତା ପଦକ ପାଇଁ ଫାୟାରମ୍ୟାନ ପ୍ରକାଶ ବଳଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଷ୍ଟେଶନ ଅଫିସର ସୁରେନ୍ଦ୍ରନାଥ ଗଦାପାଳ ଓ ମନୋଜ କୁମାର ସାହୁ ବିଶିଷ୍ଟ ସେବା ପଦକ ପାଇବେ। ଉଲ୍ଲେଖନୀୟ ସେବା ପଦକ ପାଇଁ ଡେପୁଟି ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ, ଷ୍ଟେଶନ ଅଫିସର ଅଶୋକ କୁମାର ଶତପଥୀ, ନିରଞ୍ଜନ ପଟ୍ଟନାୟକ, ଲିଡିଂ ଫାୟାରମ୍ୟାନ ବେଣୁଧର ବେହେରା, କେ. ନରସିଂହ ରାଓ ଓ ଡ୍ରାଇଭର ଧୀରେନ୍ଦ୍ରନାଥ ଜେନାଙ୍କ ନାମ ଘୋଷଣା କରାଯାଇଛି। ହୋମ୍‌ଗାର୍ଡ ଓ ସିଭିଲ ଡିଫେନ୍ସ ବର୍ଗରେ ସିଡି ସ୍ୱେଚ୍ଛାସେବୀ ଗଣେଶ ବାରିକଙ୍କୁ ବିଶିଷ୍ଟ ସେବା ପଦକ ଓ ଉଲ୍ଲେଖନୀୟ ସେବା ପଦକ ପାଇଁ ହୋମ୍‌ଗାର୍ଡ ଗୀତାରାଣୀ ବେହେରା, ଅରୁଣ ସାହୁ, ପ୍ରଦୀପ ଦାସ ଓ ପ୍ଲାଟୁନ କମାଣ୍ଡର ବିଷ୍ଣୁ ଚରଣ ଭୁଜବଳଙ୍କ ନାମ ଘୋଷଣା କରାଯାଇଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବ ଘର ଅଗଣାରେ କୁକୁଡ଼ା ପାଳନ

କୁଆଁରମୁଣ୍ଡା,୧୪।୮(ଡି.ଏନ.ଏ.)

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଶା ଜୀବିକା ମିଶନ ପକ୍ଷରୁ ଘର ଅଗଣାରେ କୁକୁଡା ପାଳନକୁ ଗୁରୁତ୍ୱ ଦିଆଯାଉଛି। ଏହି ମର୍ମରେ କୁଆଁରମୁଣ୍ଡା ବ୍ଲକ୍ ପଦ୍ମପୁର ପଞ୍ଚାୟତର ଜଗଦୀଶପୁରରେ ୫୦ ଜଣ ମହିଳାଙ୍କୁ ୨୦ଟି ଲେଖାଏଁ ମାଇ କୁକୁଡା ପ୍ରଦାନ କରାଯାଇଛି। ଏହା ସହ କୁକୁଡାର ଖାଦ୍ୟ, ଖାଦ୍ୟ ସରଞ୍ଜାମ ଇତ୍ୟାଦି ପ୍ରଦାନ କରାଯାଇଛି। ଏହି କୁକୁଡାଗୁଡିକ ୭ ସପ୍ତାହ ମଧ୍ୟରେ ଅଣ୍ଡା ଦେବା ଆରମ୍ଭ କରିବେ। ମୋଟାମୋଟି ଭାବେ ପ୍ରତି କୁକୁଡା ୨ଶହରୁ ଊର୍ଦ୍ଧ୍ୱ ଅଣ୍ଡା ଦେବେ ବୋଲି କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନର ବିପିଏମ ପ୍ରସନ୍ନ କୁମାର ମୋଦି କହିଛନ୍ତି। ହିତାଧିକାରୀମାନେ ଏହି ଅଣ୍ଡା ନିଜେ ଖାଇ ପୁଷ୍ଟିସାଧନ କରିବା ସହ ବିକ୍ରି କରି ଅର୍ଥ ମଧ ଉପାର୍ଜନ କରିପାରିବେ ବୋଲି ବିଡିଓ ମେଥେଡିୟୁସ୍ ଲାକ୍ରା କହିଛନ୍ତି। ଏହି କୁକୁଡା ପ୍ରଦାନ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଜୀବିକା ମିଶନର ଡିପିଏମ ସାମୁଏଲ ଟପ୍ପୋ, କୁଆଁରମୁଣ୍ଡା ବ୍ଲକ ବିଡିଓ ଡା. ଶୁଭେନ୍ଦୁ କୁମାର ଘୋଷ, ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

# କଟକଣା ସହ ଖୋଲିବ ଆର୍‌ଟିଓ

କଟକ ଅଫିସ,୧୪।୮

କରୋନା ମହାମାରୀ ବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) କାର୍ଯ୍ୟ କରୁଥିଲେ ମଧ ସଂକ୍ରମଣ ଭୟରେ ସର୍ବସାଧାରଣଙ୍କ ପାଇଁ ଏଗୁଡ଼ିକ ବନ୍ଦ ରହିଥିଲା। ୫୦ ପ୍ରତିଶତ କର୍ମଚାରୀରେ କାର୍ଯ୍ୟାଳୟ ଚାଲିଥିଲା। କିନ୍ତୁ ଏବେ ସୀମିତ ସେବା ଓ କଟକଣା ଭିତରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପରିବହନ କାର୍ଯ୍ୟାଳୟଗୁଡ଼ିକ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ବିଜ୍ଞପ୍ତି ଜାରି କରିଛି।

ଡ୍ରାଇଭିଂ ଲାଇସେନ୍ସ, ଲର୍ନର୍ସ ଲାଇସେନ୍ସ ଓ ଯାନବାହନ ସେବା ସମ୍ପର୍କିତ କାର୍ଯ୍ୟ ପାଇଁ ଆର୍‌ଟିଓଗୁଡ଼ିକ ଖୋଲା ରହିବ। ଡିଏଲ୍ ଓ ଏଲ୍‌ଏଲ୍ ପରୀକ୍ଷା ବର୍ତ୍ତମାନ ପାଇଁ ବନ୍ଦ ରଖାଯାଇଛି। ଆବେଦନକାରୀ ଓ ପ୍ରାଧିକୃତ ବ୍ୟକ୍ତିମାନେ ହିଁ କାର୍ଯ୍ୟାଳୟକୁ ପ୍ରବେଶ କରିପାରିବେ। ଡ୍ରାଇଭିଂ ଲାଇସେନ୍ସ ନବୀକରଣ, ଡ୍ରାଇଭିଂ ଲାଇସେନ୍ସରେ ଠିକଣା ପରିବର୍ତ୍ତନ, ନକଲି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ, ନାମ ପରିବର୍ତ୍ତନ, ବାୟୋମେଟ୍ରିକ୍‌ରେ ପରିବର୍ତ୍ତନ, କ୍ଲାସ୍ ଅଫ୍ ଭେଇକିଲ୍‌କୁ ଦାଖଲ ସହ 'ବାହାନ' ଏବଂ ଭିସିଆର୍ ସଂପର୍କିତ ସମସ୍ତ କାର୍ଯ୍ୟ ଏଣିକି ଆର୍‌ଟିଓରେ ହୋଇପାରିବ। ପୂର୍ବରୁ ଏସବୁ କାର୍ଯ୍ୟ କେବଳ ଅନ୍‌ଲାଇନ୍‌ରେ ହେଉଥିଲା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଡିଏଲ୍ ଓ ଏଲ୍‌ଏଲ୍ କାର୍ଯ୍ୟ ପାଇଁ ମାତ୍ର ଅଧ ଘଣ୍ଟାର ସ୍ଲଟ୍ ଦିଆଯିବ। ସେହିଭଳି ଆର୍‌ସି ସମ୍ପର୍କିତ କାର୍ଯ୍ୟ ପାଇଁ ମଧ କାର୍ଯ୍ୟାଳୟକୁ ପ୍ରବେଶ ଅନୁମତି ଦିଆଯାଇଛି। ମାଲିକାନା ପରିବର୍ତ୍ତନ ଓ ନବୀକରଣ ସହ ଫିଟ୍‌ନେସ୍ ସାର୍ଟିଫିକେଟ୍ ଏବଂ ହାଇପୋଥିକେସନ୍ କାର୍ଯ୍ୟ ବର୍ତ୍ତମାନ ଆର୍‌ଟିଓରେ ହୋଇପାରିବ।

## କଣ୍ଟାବାଞ୍ଜିରେ ଜବରଦଖଲ ଉଚ୍ଛେଦ

**କଣ୍ଟାବାଞ୍ଜି,୧୪।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଝାଙ୍କରପଡା ଗ୍ରାମ୍ୟ ଜଳ ଯୋଗାଣ ଅଫିସ ନିକଟ ପିଡବ୍ଲୁଡି ରାସ୍ତାକୁ ଦୀର୍ଘ ବର୍ଷ ହେଲା ଦୋକାନ ଘର କରି କେତେକ ବ୍ୟକ୍ତି ଜବର ଦଖଲ କରିଛନ୍ତି। ୬ଟି ଘର କରି ଭଡ଼ା ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ପ୍ରଶାସନ ଦ୍ୱାରା ଏହାକୁ ଉଚ୍ଛେଦ କରାଯାଇଛି। କଣ୍ଟାବାଞ୍ଜି ଏନ୍‌ଏସି ପ୍ରଶାସକ ସୋମେଶ କୁମାର ଉପାଧ୍ୟାୟ, ସ୍ଥାନୀୟ ତହସିଲଦାର ଅଶୋକ କୁମାର ମାଝି, ଏନଏସି ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ପୋଲିସ ଅଧିକାରୀ ସରୋଜ କୁମାର ମହାପାତ୍ର, ଆଇଆଇସି ସତ୍ୟଜିତ କାଣ୍ଡେଲକର, ଆରଆଇ ବିନୋଦ ବାରିକ, ସରକାରୀ ଓକିଲ ସହଦେବ ନାଗ ଓ ପିଡବ୍ଲୁଡି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁଶାନ୍ତଙ୍କ ପରିବାରକୁ ନ୍ୟାୟ ମିଳୁ

**ସଞ୍ଜୟ ରାଉତଙ୍କ ୟୁଟର୍ନ**

ନୂଆଦିଲ୍ଲୀ, ୧୪।୮



ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାକୁ ନେଇ ତୁ ତୁ ମେ ମେ ଚାଲିଥିବାବେଳେ ଏବେ ଏହି ଘଟଣାରେ ଶିବସେନା ନେତା ସଞ୍ଜୟ ରାଉତ ୟୁଟର୍ନ ମାରିଛନ୍ତି। ସୁଶାନ୍ତଙ୍କ ବାପା କେ. କେ. ସିଂ ଦୁଇଟି ବିବାହ କରିଥିବାରୁ ଦୁହିଙ୍କ ମଧ୍ୟରେ ଭଲ ପଡୁ ନ ଥିଲା ବୋଲି ରାଉତ କହିବା ପରେ ଏନେଇ ୪୮ ଘଣ୍ଟା ମଧ୍ୟରେ ସର୍ବସାଧାରଣରେ କ୍ଷମା ମାଗିବାକୁ ପରିବାର ପକ୍ଷରୁ ଦାବି କରାଯାଇଥିଲା। ଏନେଇ ଲିଗାଲ ନୋଟିସ ମଧ ରାଉତଙ୍କ ପାଖକୁ ପଠାଯାଇଥିଲା। ଶୁକ୍ରବାର ରାଉତ ତାଙ୍କ ମନ୍ତବ୍ୟ ବଦଳାଇ ସୁଶାନ୍ତ ଆମ ପୁଅ ଭଳି ଥିଲେ ଓ ତାଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିବା ଉଚିତ ବୋଲି ପ୍ରକାଶ କରିଛନ୍ତି। ଧୈର୍ଯ୍ୟ ଧରି ମୁମ୍ବାଇ ପୋଲିସ ଉପରେ ବିଶ୍ୱାସ ରଖନ୍ତୁ, ଯଦି ସେମାନେ ଠିକ୍ ତଦନ୍ତ କରୁନାହାନ୍ତି ତେବେ ସିବିଆଇ ମାମଲା ବୁଝୁ ବୋଲି ରାଉତ କହିଛନ୍ତି। ସୁଶାନ୍ତଙ୍କ ପରିବାର ସହ ଆମର କୌଣସି ଶତ୍ରୁତା ନାହିଁ। ମୃତ୍ୟୁ ପଛରେ ଥିବା ରହସ୍ୟ ସାମ୍ନାକୁ ଆସୁ ବୋଲି ଆମେ ଚାହୁଁଛୁ। ସୂଚନାକୁ ଆଧାରକରି ମତ ରଖିଥିଲି, ଏହାକୁ ଏତେ ଗୁରୁତ୍ୱ ଦିଆଯିବା ଅନୁଚିତ ବୋଲି ରାଉତ ମତ ଦେଇଛନ୍ତି।

ସେପଟେ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ସୁଶାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୫ କୋଟି ଟଙ୍କା ଉଠାଯାଇଥିବାବେଳେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସୁଶାନ୍ତଙ୍କ ଟାଲେଣ୍ଟ ମ୍ୟାନେଜର ଜୟନ୍ତୀ ଶାହାଙ୍କୁ ଇଡି ପକ୍ଷରୁ ୧୧ ଘଣ୍ଟା ଜେରା କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ବଲିଉଡ୍ ଅଭିନେତା ବରୁଣ ଧୱନ୍, ଅଭିନେତ୍ରୀ ମୌନୀ ରୟଙ୍କ ସମେତ ଅଧିକାଂଶ ଅଭିନେତା ଅଭିନେତ୍ରୀ ମାମଲାର ସିବିଆଇ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

# ଭାରତରେ ଧୂମହୀନ ତମାଖୁଜନିତ ମୃତ୍ୟୁ ବଢୁଛି

**ଲଣ୍ଡନ, ୧୪।୮(ଆଇଏଏନ୍‌ଏସ୍):** ଭାରତରେ ଧୂମହୀନ ତମାଖୁ ସେବନ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ଏକ ଅଧ୍ୟୟନରୁ ଜଣାପଡିଛି। ଗତ ୭ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ଏହି ମୃତ୍ୟୁସଂଖ୍ୟା ୩,୫୦,୦୦୦ ବୃଦ୍ଧି ପାଇଥିବା ଗବେଷକମାନେ କହିଛନ୍ତି। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ହଟ୍‌ସ୍ପଟ ରହିଆସିଥିବାବେଳେ ସେଥିରୁ ୭୦ ପ୍ରତିଶତ କେବଳ ଭାରତରୁ। ବିଏମ୍‌ସି ମେଡିସିନ ପତ୍ରିକାରେ ଏହା ପ୍ରକାଶ ପାଇଛି। ବାହାରେ ଛେପ ପକାଇବା ତମାଖୁ ସେବନକାରୀଙ୍କର ସାଧାରଣ ଅଭ୍ୟାସ, ଯାହା କରୋନା ଭୂତାଣୁ ସଂକ୍ରମଣକୁ ବଢ଼ାଇପାରେ ବୋଲି କୁହାଯାଉଛି। ତମାଖୁ ଚୋବାଇବା ଯୋଗୁ ଲାଳ ନିର୍ଗତ ହୋଇଥାଏ ଓ ସେବନକାରୀ ବାରମ୍ବାର ଛେପ ପକାଇଥାଏ ବୋଲି ବ୍ରିଟେନର ଗବେଷକ କମ୍ରାନ ସିଦ୍ଦିକି କହିଛନ୍ତି। କୋଭିଡ୍ ସଂକ୍ରମଣ



କମାଇବା ପାଇଁ ଭାରତରେ ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ବେଆଇନ ଘୋଷଣା କରାଯିବା ଭଲ ପଦକ୍ଷେପ ବୋଲି ସିଦ୍ଦିକି ମତ ଦେଇଛନ୍ତି। ଅଧ୍ୟୟନ ଅନୁଯାୟୀ ୨୦୧୭ରେ ଧୂମହୀନ ତମାଖୁ ଯୋଗୁ ମୁଖ କ୍ୟାନ୍‌ସରରେ ୯୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ହୃତପିଣ୍ଡ ଜନିତ ରୋଗରେ ୨,୫୮,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଛି। ସେହିପରି ତମାଖୁଜାତୀୟ ସାମଗ୍ରୀ ସେବନ ଜନିତ ଅସୁସ୍ଥତା କାରଣରୁ ଲକ୍ଷ ଲକ୍ଷ ଲୋକଙ୍କ ଆୟୁଷ ହ୍ରାସ ପାଉଛି। ୧୨୭ଟି ଦେଶର ତଥ୍ୟକୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ଏଥିସହିତ ୨୦୧୭ର ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ ଷ୍ଟଡିରୁ ମଧ ତଥ୍ୟ ନିଆଯାଇଥିଲା। ଏକଚତୁର୍ଥାଂଶ ତମାଖୁ ସେବନକାରୀ ଧୂମହୀନ ତମାଖୁ ବ୍ୟବହାର କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତ, ପାକିସ୍ତାନ ଓ ବାଂଲାଦେଶ ନାଗରିକ। ବ୍ରିଟେନ, ଦକ୍ଷିଣ ଏସିଆରେ ମଧ ଧୂମହୀନ ତମାଖୁ ବ୍ୟବହାର ବୃଦ୍ଧି ପାଇଛି। ସିଗାରେଟ ଭଳି ଏଗୁଡ଼ିକର ନିୟନ୍ତ୍ରଣ ହେବା ଆବଶ୍ୟକ ବୋଲି ଗବେଷକମାନେ ମତ ଦେଇଛନ୍ତି। ତମାଖୁ ସାମଗ୍ରୀର ଯୋଗାଣ ଓ ଚାହିଦା କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତମାଖୁ ନିୟନ୍ତ୍ରଣ ସମ୍ମିଳନୀ ଆଧାରରେ ଅନ୍ତର୍ଜାତୀୟ ନୀତି କାର୍ଯ୍ୟକାରୀ ହେଉଛି। ଧୂମହୀନ ତମାଖୁ ନିୟନ୍ତ୍ରଣ ଲାଗି ଅନୁରୂପ ନୀତି ଆବଶ୍ୟକ ବୋଲି ଗବେଷକମାନେ କହିଛନ୍ତି।



# ଢେଙ୍କାନାଳରେ ହେବନି ଗଣେଶ ପୂଜା

**ଢେଙ୍କାନାଳ ଅଫିସ, ୧୪।୮–** ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଚଳିତ ବର୍ଷ ଗଣେଶ ପୂଜା ପାଳନ କରାଯିବ ନାହିଁ। ଏ ନେଇ ଶୁକ୍ରବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗଣେଶ ପୂଜା ଆୟୋଜନ କରୁଥିବା ପୂଜା କମିଟି, ଶିକ୍ଷାନୁଷ୍ଠାନରେ ପୂଜା ପାଳନ କରାଯିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




# ରାସ୍ତାରେ ରୋଇଲେ ଧାନଗଛ

**ପରଜଙ୍ଗ, ୧୪।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତ ଅଧୀନ ବାରଘରିଆ ସାହିକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀ ଶୁକ୍ରବାର ରାସ୍ତାରେ ଧାନଗଛ ରୋଇ ଅଭିନବ ପ୍ରତିବାଦ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବର୍ଷାଦିନେ ଏହି ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଏହାକୁ କଂକ୍ରିଟ୍ କରିବାକୁ ସାହିବାସୀ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ସେମାନେ ଏଭଳି ପ୍ରତିବାଦ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିବା କହିଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ସୁଫଳା ବିଶ୍ୱାଳ କୁହନ୍ତି, ଏହି ରାସ୍ତାରେ ମୋରମ ମେଟାଲିଂ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଦାନ ଆସିଛି। ବର୍ଷା ହେଉଥିବାରୁ କାମ କରିବା ସମ୍ଭବ ହେଉନାହିଁ। ବର୍ଷା ଛାଡ଼ିଲେ କାମ ଆରମ୍ଭ କରାଯିବ।



ଅଞ୍ଚଳବାସୀ ରାସ୍ତାରେ ଧାନଗଛ ରୋଉଛନ୍ତି।

# ଅତିରିକ୍ତ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

**ବଅଁରପାଳ, ୧୪।୮(ଡି.ଏନ.ଏ.):** ବଅଁରପାଳ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅତିରିକ୍ତ ବିଡିଓ ଭାବେ ମାଧବ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ବଅଁରପାଳରେ ଥିବା ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି।



# କ୍ୟାଟେରିଂ ବ୍ୟବସାୟୀ ପ୍ରଶାସନର ଦ୍ୱାରସ୍ଥ

**ଢେଙ୍କାନାଳ ଅଫିସ, ୧୪।୮**

କରୋନା ମାଡ଼ରେ ପ୍ରଭାବିତ ହୋଇଛନ୍ତି ଢେଙ୍କାନାଳର କ୍ୟାଟେରିଂ ବ୍ୟବସାୟୀ। ଆର୍ଥିକ ଅନଟନ ମଧ୍ୟରେ ଦହଗଞ୍ଜ ହେଉଥିବାବେଳେ ସହାୟତା ଦାବିରେ ସେମାନେ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପିଲାଙ୍କ ସ୍କୁଲ ଫି', କର, ଋଣ କିସ୍ତି ଛାଡ଼ କରିବା, କର୍ମ ନିୟୋଜନ ଯୋଗାଇବା, ଆର୍ଥିକ ସହାୟତା, ଭତ୍ତା ପ୍ରଦାନ, ପରିଚୟପତ୍ର, କ୍ୟାଟେରିଂ ସର୍ଭିସ୍ ଶିଳ୍ପକୁ ମାନ୍ୟତା, ରାଶନ କାର୍ଡ ପ୍ରଦାନ, ବାଧ୍ୟତାମୂଳକ ସ୍ୱାସ୍ଥ୍ୟବୀମା, ବିଦ୍ୟୁତ୍ ବିଲ୍ ଛାଡ଼, ଦକ୍ଷତା ସାର୍ଟିଫିକେଟ ପ୍ରଦାନ ଆଦି ଦାବିରେ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଶ୍ରୀକାନ୍ତ ମହାରଣା, ଶରତ ଚନ୍ଦ୍ର ପଣ୍ଡା, ଭଗବାନ ବେହେରା, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୪୨୮ ଜଣଙ୍କ ସ୍ୱାବ୍ ସଂଗ୍ରହ

**ବଇଣ୍ଡା/କଣିହାଁ, ୧୪।୮(ଡି.ଏନ.ଏ.):** ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଆମ୍ବପାଳ, କଦଳୀମୁଣ୍ଡା, ବଇଣ୍ଡା ଅଞ୍ଚଳରୁ ୨୬୧ ଜଣଙ୍କ କରୋନା ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଛି। ବଇଣ୍ଡାଠାରେ ୬୧, ଆମ୍ବପାଳରେ ଶହେ, କଦଳୀମୁଣ୍ଡାରେ ଶହେ ଜଣଙ୍କ ସ୍ୱାବ୍ ନିଆଯାଇଛି। ସେହିପରି କଣିହାଁ ବ୍ଲକରେ ଗୁରୁବାର ୨ ଜଣ କରୋନା ପଜିଟିଭ ବାହାରିବା ପରେ ଶୁକ୍ରବାର କଣ୍ଟାକ୍ଟ ଟ୍ରେସିଂକୁ ନେଇ ୧୬୭ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସ୍ୱାବ୍ ଦେଇଥିବା ବ୍ୟକ୍ତିମାନେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

# ୧୨୦ ଲିଟର ମଦ ଜବତ, ୩ ଗିରଫ

**ଢେଙ୍କାନାଳ ଅଫିସ, ୧୪।୮:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୨୦ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ କଟକ ଜିଲା ଚୌଦ୍ୱାର ଥାନା କକଡି ଗ୍ରାମର ରବୀନ୍ଦ୍ର ଦଳେଇ, ବାଦଲ ମହାନ୍ତି ଗିରଫ ହୋଇଛନ୍ତି। ମଦ ଚାଲାଣରେ ବ୍ୟବହୃତ ବାଇକ୍ (ନଂ. ଓଡି ୦୫ ଏଆର ୫୬୮୮) ଜବତ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବଡମ୍ବା ଥାନା ଅଞ୍ଚଳର କୁନା ସାହୁଙ୍କଠାରୁ ୪୦ ଲିଟର ମଦ ସହ ଏକ ମୋପେଡ୍ (ନଂ. ଓଡି ୦୫ ବି ୦୮୦୫) ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।









